# Akashvani, Sambalpur

## SAMBALPURI NEWS EVENING BULLETIN

## 9 June 2026-7.02- 7.12 pm.

---

୧- କେନ୍ଦ୍ର ଆଉ ରାଜ୍ୟ ଡବଲ୍ ଇଞ୍ଜିନ୍ ସର୍କାର୍ ଲାଗି ଓଡ଼ିଶା ବିକାଶ୍‌ର ନୂଆଁ ଶିଘାକେ ପୁହୁଁଚିଛେ - କହେଲେ ମୁଖ୍ୟମନ୍ତ୍ରୀ ।

- କେନ୍ଦ୍ର ସର୍କାର୍‌ଙ୍କର୍ ୧୨ ବଛର୍ ପୂର୍ତି ଅବ୍‌ସରେ ଗଣମାଧ୍ୟମ୍‌କେ କଲେ ସମ୍ବୋଧନ୍ ।

୨- ରାଜ୍ୟର୍ ସବୁ ପୌରାଂଚଲ୍ ନ ୧୩ ଦିନିଆ ନାଗରିକ ସମ୍ପର୍କ ଅଭିଯାନ୍ ଆଏଜ୍‌ଠାନୁ ହେଲା ମୁଲ୍ ।

୩- ସ୍ୱାଧୀନତା ସଂଗ୍ରାମୀ ଆଉ ଧର୍‌ତୀ ଆବା ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ପୂଣ୍ୟତିଥି ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନଉଛନ୍ ଦେଶ୍‌ବାସୀ ।

ଆଉର୍

୪- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୩ ଦିନ ଭିତ୍‌ରେ ଓଡ଼ିଶା ପୁହୁଁଚିବା- ଅନୁମାନ୍ କଲା ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

୧୨ ବଛର୍- ମୁଖ୍ୟମନ୍ତ୍ରୀ      ଆଇ.ଆଣ୍ଡ୍.ପି.ଆର୍

କେନ୍ଦ୍ର ସର୍କାର୍‌ଙ୍କର୍ ୧୨ ବଛର୍ ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୩ ନମ୍ବର୍ ପାଲିର୍ ୨ ବଛର୍ ପୂର୍ତି ଅବ୍‌ସରେ ଗଣମାଧ୍ୟମ୍‌କେ ସମ୍ବୋଧନ୍ କରିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କହିଛନ୍, କେନ୍ଦ-ରାଜ୍ୟ ଡବଲ୍ ଇଞ୍ଜିନ୍ ସର୍କାର୍ ଲାଗି ଓଡ଼ିଶା ବିକାଶ୍‌ର ନୂଆଁ ଶିଘ୍ କେ ପୁହୁଁଚିଛେ । ଆଏବା କାଏଲ୍ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଗଣତାନ୍ତ୍ରିକ୍ ଶାସନ୍ ମୁଖ୍ୟ ଭାବେ ସବୁନୁ ଅଏତ୍‌କା ୪ ହଜାର୍ ୩ ଶହ ୯୯ ଦିନ୍ ସେବା କରିକରି ଜାତୀୟ କିର୍ତିମାନ୍ ଥାପ୍‌ନା କର୍‌ବେ । ତାଙ୍କର୍ ନେତୃତ୍ୱଥି ଭାରତ୍ ଫ୍ରଜାଇଲ୍ ଫାଇଭ୍ ନୁ ବାହାରିକରି ୭ ଦଶ୍‌ମିକ୍ ୭ ପ୍ରତିଶତ୍ ଅଭିବୃଦ୍ଧି ସାଙ୍ଗେ ପୁର୍‌ଥିର୍ ସବୁନୁ ଦ୍ରୁତ ଅର୍ଥନୀତି ହେଇଛେ । ୨୦ କୋଟିନୁ ଅଏତ୍‌କା ମାହାଲିଆ ଟୀକାକରଣ୍ ଆଉ ଭେକ୍ସିନ୍ ମୈତ୍ରୀ ଲାଗି ଭାରତ୍ ବିଶ୍ୱ ବନ୍ଧୁ ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସବ୍‌କା ସାଥ୍ ସବ୍‌କା ବିକାଶ୍ ମନ୍ତ୍ରଥି ୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ଆମେ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କେନ୍ଦ୍ର ଆଇନ୍‌ମନ୍ତ୍ରୀ ମେଘ୍ୱାଲ      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଗଲା ୧୨ ବଛ୍‌ରେ ଦେଶ୍ ସବୁକ୍ଷେତ୍ରଥି ବିକାଶ୍ କରିଛେ ବଲି କେନ୍ଦ୍ର ଆଇନ୍‌ମନ୍ତ୍ରୀ ଅର୍ଜୁନ୍ ମେଘ୍ୱାଲ୍ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ସର୍‌କାର୍‌ଙ୍କର୍ ୧୨ ବଛର୍ ପୂର୍ତି ଅବ୍‌ସରେ ଗଣମାଧ୍ୟମ୍‌କେ ସମ୍ବୋଧନ୍ କରିକରି ମନ୍ତ୍ରୀ ଶ୍ରୀ ମେଘ୍ୱାଲ୍ କହିଛନ୍, ଦେଶ୍ ବିକଶିତ୍ ଭାରତ୍ ପଛେ ଆଗ୍‌କେ ବଢୁଛେ । ୨୦୧୪ ମସିହା ଆଘ୍‌ରୁ ଇନ୍ଦିରା ଆବାସ ଯୋଜ୍‌ନାଥି ଆର୍ଥିକ୍ ସାହାଜ୍ କମ୍ ରହେବାର୍ ସହେତେ କମ୍ ଲକ୍ଷ୍ୟ ପୁରା କରାଯାଉଥିଲା । ଯୋଜ୍‌ନା ଅଧୀନ୍‌ଥି ହିତାଧିକାରୀମାନ୍‌କୁ ୩ ଟା କିସ୍ତିଥି ମାତ୍ର ୪୩ ହଜାର୍ ଟଙ୍କା ମିଲୁଥିଲା । ନରେନ୍ଦ୍ର ମୋଦୀ ପ୍ରଧାନ୍‌ମନ୍ତ୍ରୀ ଦାୟିତ୍ୱ ନେବାର୍ ଉତ୍‌ରୁ ଇ ଯୋଜ୍‌ନାର୍ ଗତି ଆଉ ଅନୁଦାନ୍ ବଢ୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ । ପିଏମ୍ ଆବାସ୍ ଭାବେ ଇ ଯୋଜ୍‌ନାର୍ ବ୍ୟାପକ୍ ପରିବର୍ତନ୍ କରାଯାଇଛେ । ଯୋଜ୍‌ନାଥି ଜିଓ ଟେଗିଂ ବ୍ୟବସ୍ଥା କରାଯାଇକରି ଇହାଦେତକ୍ ଦେଶର୍ ୪ କୋଟି ଗରିବ୍‌ଙ୍କୁ

ଘର୍ ଯୁଗେଇ ଦିଆଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛତା ଉପ୍‌ରେ ଭିଲ୍ ଜୋର୍ ଦେଇଛନ୍ । ଆଘର୍ ନିର୍ମଲ୍ ଗାଁ ଯୋଜ୍‌ନାକେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସ୍ୱଚ୍ଛ ଭାରତ୍ ଯୋଜ୍‌ନାଥି ବଦ୍‌ଲେଇକରି ଦେଶେ ୧୦ କୋଟି ଶୌଚାଳୟ ତିଆର୍ ଲକ୍ଷ୍ୟ ରଖିଥିଲେ ।

୧୨ ବଛ୍‌ରେ ସର୍‌କାର୍ ଇ ଲକ୍ଷ୍ୟ ପୁରା କରିପାରିଛନ୍ । ବିଜ୍‌ଲି ଉକିଆନୁ ବଂଚିତ୍ ଥିବା ୧୮ ହଜାର୍ ଟା ଗାଁକେ ୧ ହଜାର୍ ଦିନେ ବିଜ୍‌ଲି ସଂଯୋଗ୍ ଦିଆଯାଇଛେ । ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର୍ ଡିବିଟି ଯୋଜ୍‌ନା ଜରିଏ ହିତାଧିକାରୀମାନ୍‌କୁ ସାହାଜ୍ ଟଙ୍କା ଦେଇକରି କେନ୍ଦ୍ର ସର୍‌କାର୍ ୪ ଲାଖ୍ ୩୧ ହଜାର୍ କୋଟି ଟଙ୍କାର୍ ହେର୍‌ଫେର୍‌କେ ଅଟ୍‌କେଇପାରିଛନ୍ । ପିଏମ୍ କିଷାନ୍ ଯୋଜ୍‌ନାଥି ୧୧ କୋଟି ଚାଷୀ ଲାଭ୍ ପାଇଛନ୍ । ଇ ଯୋଜ୍‌ନା ଅଧୀନ୍‌ଥି ୪ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା କୃଷକ୍ ମାନ୍‌କର୍ ବେଙ୍କ୍ ଖାତାକେ ସିଧାସଲଖ୍ ପଠାଯାଇଛେ । ଭିତିଭୂମି କ୍ଷେତ୍ରଥି ୨୦୧୪ ମସିହା ଆଘୋନୁ ୨ ଲାଖ୍ କୋଟି ଟଙ୍କା ବ୍ୟୟବରାଦ୍ ହେଉଥିଲା । ଯେନ୍‌ଟା ଇହାଦେ ବଢ଼ିକରି ୧୨ ଲାଖ୍ କୋଟି ଟଙ୍କାନୁ ଅଏତ୍‌କା ହେଇଛେ । ରାଷ୍ଟ୍ରର୍ ବିକାଶ୍ ଶାନ୍ତି ଆଉ ପରିବେଶ୍‌କେ ସ୍ୱଚ୍ଛ ଆଉ ସନ୍ତୁଲିତ୍ ରଖିବାର୍ କ୍ଷେତ୍ରଥି କାମ୍ କର୍‌ବାର୍ ଆଉ ଦୂରଦୃଷ୍ଟିକେ ଜୋର୍ ଦେଇକରି ୩୨ ନୁ ଅଏତ୍‌କା ରାଷ୍ଟ୍ର

ସେମାନ୍‌କର୍ ଦେଶର୍ ସର୍ବୋଚ୍ଚ ସମ୍ମାନ୍ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଦେଇଛନ୍ । ଶାରୀରିକ୍ ସୁସ୍ଥତା ଉପ୍‌ରେ ଜୋର୍ ଦେଇକରି ଦେଶର୍ ଲୋକ୍‌ମାନ୍‌କୁ ଯୋଗାଭ୍ୟାସ୍ କରାବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଦୂରଦୃଷ୍ଟି ସମ୍ପନ୍ନ କାମ୍‌କେ ସ୍ୱିକୃତୀ ଦେଇକରି ଜୁନ୍ ୨୧ ତାରିଖ୍‌କେ ଅନ୍ତର୍ଜାତୀୟ ଯୋଗଦିବସ୍ ଭାବେ ସାରା ପୁର୍‌ଥି ପାଲନ୍ କରୁଛେ । ଯେନ୍‌ଟା ଆମର୍ ଲାଗି ଗର୍ବର୍ ବିଷେ ଆଏ ବଲି ମନ୍ତ୍ରୀ ଶ୍ରୀ ମେଘ୍‌ୱାଲ୍ କହିଛନ୍ ।

ନାଗରିକ୍ ସମ୍ପର୍କ ଅଭିଯାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ପୌରାଂଚଲ୍ ନ ୧୩ ଦିନିଆ ନାଗରିକ୍ ସମ୍ପର୍କ ଅଭିଯାନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ସହରାଂଚଲ୍ ନାଗରିକ୍ ସମ୍ପର୍କ, ନାଗରିକ କୈନ୍ଦ୍ରିକ ସହରୀ ଶାସନ୍‌କେ ବର୍‌କସ୍ କର୍‌ବାର୍ ଆଉ ସହରୀ ବିକାଶ୍‌ଥି ଲୁକ୍‌କର୍ ଭାଗିଦାରୀକେ ବଢ଼ାବାର୍ ଲକ୍ଷ୍ୟ ନେଇକରି ଆଏଜ୍‌ଠାନୁ ୨୧ ତାରିଖ୍‌ତକ୍ ସାରା ରାଏଜେ ଇ କାର୍ଯ୍ୟକ୍ରମ୍ ଚାଲ୍‌ବା । ଇଥି ସଚେତନତା ଶୋଭାଯାତ୍ରା, ୱାର୍ଡ଼ସ୍ତରୀୟ ବୈଠକ୍, ଜନପରାମର୍ଶ, ସ୍ୱଚ୍ଛତା

ଅଭିଯାନ୍ ବାଗିର୍ ଭିନ୍ ଭିନ୍ ନାଗରିକ୍ କୈନ୍ଦ୍ରିକ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯିବା ।

ରାଜ୍ୟସଭା ପ୍ରାର୍ଥୀପତ୍ର ହି.ସ.

ରାଜ୍ୟସଭା ଉପନିର୍ବାଚନ୍ ଲାଗି ବିଜେପିର୍ ରାଜ୍ୟସଭା ପ୍ରାର୍ଥୀ ଦେବାଶିଷ୍ ସାମନ୍ତରାୟଙ୍କର୍ ନାମାଙ୍କନ୍ ପତ୍ର କାଏମ୍ ରହିଛେ । ଶ୍ରୀ ସାମନ୍ତରାୟଙ୍କର୍ ତର୍‌ଫୁ ଦାଖଲ୍ ହେଇଥିବା ୪ ସେଟ୍ ନାମାଙ୍କନ୍ ପତ୍ର କାଏମ୍ ରହିଥିବା ସୂଚ୍‌ନା ମିଲିଛେ ।

ବିର୍ସାମୁଣ୍ଡା ଶ୍ରଦ୍ଧାଞ୍ଜଳି ହି.ସ.

ଝାଡ୍‌ଖଣ୍ଡ ସହେତେ ସାରା ଦେଶ୍ ଆଏଜ୍ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଆଉ ଧରତୀ ଆବା ଭଗବାନ ବିର୍ସାମୁଣ୍ଡାଙ୍କର ପୂଣ୍ୟତିଥି ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ଦେଶର୍ ସ୍ୱାଧୀନତା ସଂଗ୍ରାମ ଇତିହାସ୍‌ଥି ବିର୍ସାମୁଣ୍ଡା ଜଲ୍, ଜଙ୍ଗଲ୍ ଆଉ ଜମିନ୍‌ର ସୁରକ୍ଷା ଲାଗି ବ୍ରିଟିଶ୍ ଶାସନ୍ ବିରୋଧିଥି ଲଢ଼ିଥିଲେ । ଭଗବାନ୍ ବିର୍ସାମୁଣ୍ଡା

ଐତିହାସିକ୍ ଉଲ୍‌ଗୁଲାନ୍ ଆନ୍ଦୋଲନ୍‌ର ନେତୃତ୍ୱ ନେଇଥିଲେ । ଆଦିବାସୀ ସମ୍ପ୍ରଦାୟକେ ଏକ୍‌ଠାନିଆ କରିକରି ସାଂସ୍କୃତିକ୍ ଐତିହ୍ୟ ଆଉ ସୁରକ୍ଷା ଲାଗି ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ଅବଦାନ୍ ଦେଶ୍‌ବାସୀଙ୍କୁ ପ୍ରେରଣା ଯୁଗଉଛେ । ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ପୁଣ୍ୟତିଥିଥି ସମାଜ୍‌ର ସବୁବର୍ଗର୍ ଲୋକ୍‌ମାନେ ତାଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିକରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶହୀଦ୍ ବିର୍ସାମୁଣ୍ଡାଙ୍କର୍ ପୁଣ୍ୟତିଥି ଅବ୍‌ସରେ ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍, ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ଦେଶ୍ ଲାଗି ସର୍ବୋଚ୍ଚ ବଳିଦାନ୍ ସବୁ ପିଢ଼ିକେ ଦେଶ୍ ପ୍ରେମ୍‌ର ବାର୍ତା ଦଉଥିବା । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ନ୍ୟାୟ, ସମ୍ମାନ୍ ଆଉ ଆଦିବାସୀ ସମୁଦାୟ ଅଧିକାର୍ ଲାଗି ତାଙ୍କର୍ ଅଦମ୍ୟ ସଂଘର୍ଷ ଆଏଜ୍ ଭିଲ୍ ଆଏବା ପିଢ଼ି ମାନ୍‌କୁ ପ୍ରେରଣା ଦେଇଆସୁଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍‌ମାଝୀ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ଜନଜାତି ଜନନାୟକ୍ ଧର୍‌ତୀ ଆବା ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ଆଦର୍ଶ ଜନଜାତିଙ୍କର୍ ସମ୍ପ୍ରଦାୟର୍ ସହେତେ ଦେଶର୍ ଯୁଆନ୍ ପିଢ଼ିଙ୍କର୍ ଲାଗି ଗର୍ବ ଆଉ ପ୍ରେରଣାର ଉତ୍ସ ଆଏ ।

ଓଡ଼ିଶା ବିଧାନ୍‌ସଭା ପରିସର୍ ନ ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯାଇଥିଲା । ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଉ ଅଲ୍‌ଗା ବ୍ୟକ୍ତିବିଶେଷ୍‌ମାନେ ଉପସ୍ଥିତ୍ ରହିକରି ବିର୍ସାମୁଣ୍ଡାଙ୍କର୍ ଅବାଦାନ୍‌କେ ସୋର୍ କରିଥିଲେ ।

ନନ୍ଦିନୀ ଶତ୍‌ପଥୀ ଶ୍ରଦ୍ଧାଞ୍ଜଲି ହି.ସ.

ଓଡ଼ିଶାର୍ ପହେଲା ମହିଲା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତ୍‌ପଥୀଙ୍କୁ ତାଙ୍କର୍ ଜୟନ୍ତୀ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ ବିରୋଧୀ ଦଲ୍ ନେତା ନବୀନ୍ ପଟ୍ଟନାୟକ୍ ଶ୍ରଦ୍ଧାଞ୍ଜଲି ଜନେଇଛନ୍ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଶ୍ରଦ୍ଧାଞ୍ଜଲି ଜନେଇକରି ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି, ଓଡ଼ିଶାର୍ ବିକାଶ୍‌ଥି ନନ୍ଦିନୀ ଶତ୍‌ପଥୀଙ୍କର ବହୁତ୍ ଅବଦାନ୍ ରହିଛେ ବଲି କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମଥି ଆଘର୍ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଆଉ ଭାଗବାନ୍ ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଲି ଅର୍ପଣ୍ କରିଛନ୍ ।

‘ମେହେର୍ ମୁଣ୍ଡା’-କରମୁକ୍ତ          ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ସିନ୍‌ମା ‘ମେହେର୍ ମୁଣ୍ଡା’କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କରମୁକ୍ତ ଘୋଷ୍‌ନା କରିଛନ୍ । ଇ ବାବଦ୍ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ଆଏଜ୍ ଅନୁମୋଦନ୍ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଶାର୍ ହସ୍ତତନ୍ତ, ବୁଣାକାର୍ ସମ୍ପ୍ରଦାୟଙ୍କର୍ ଜୀବନ୍, ସଂଘର୍ଷ ଆଉ ସଫଳତା ଉପ୍‌ରେ ଇ ସିନ୍‌ମା ତିଆର୍ ହେଇଛେ । ଗଲା ୧୫ ତାରିଖ୍ ଦିନ ରାଏଜେ ଇ ସିନ୍‌ମା ମୁକ୍ତିଲାଭ କରିଥିଲା । ଓଡ଼ିଶାର୍ ମହାନ୍ ପାରମ୍ପରିକ୍, ଐତିହ୍ୟ ଆଉ କାରିଗରି କୌଶଲ୍‌କେ ଇ ଚଳଚ୍ଚିତ୍ର ଜରିଏ ପ୍ରଦର୍ଶିତ୍ କରାଯାଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ଇଟାକେ କରମୁକ୍ତ କର୍‌ବାର୍ ଲାଗି ନିଷ୍ପତି ନେଇଛନ୍ ।

ଓପିଏସ୍‌ସି ସଚିବ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଲୋକସେବା ଆୟୋଗ୍- ଓପିଏସ୍‌ସିର ସଚିବ ଭାବେ ଓଏଏସ୍ ଅଧିକାରୀ ସତ୍ୟବ୍ରତ ରାୟଙ୍କୁ ଦାୟିତ୍ୱ ଦିଆଯାଇଛେ ।

ସେନ୍ତା ଓଏଏସ୍ ଅଧିକାରୀ ସଞ୍ଜିବିତା ରାୟଙ୍କୁ ଓପିଏସ୍‌ସିର ଅତିରିକ୍ତ ସଚିବ ଆଉ ପରୀକ୍ଷା ନିୟନ୍ତ୍ରକ୍ ଭାବେ ନିଯୁକ୍ତି ମିଲିଛେ । ଇ ବାବ୍‌ଦେ ସାଧାରଣ୍ ପ୍ରଶାସନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଦିଘା ଜଗନ୍ନାଥ୍ ସାଂସ୍କୃତିକ୍ କେନ୍ଦ୍ର            ଏକ୍ସ

ପଶ୍ଚିମବଙ୍ଗ୍ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଦିଘା ଜଗନ୍ନାଥ୍ ଧାମ୍‌ନୁ ଧାମ୍ ଶବ୍ଦ ହଟାଯିବା ବଲି ଘୋଷ୍‌ନା କରିଛନ୍ । ଇତାର୍‌ବଦ୍‌ଲେ ଇତାର୍ ନାଁ ଦିଘା ଜଗନ୍ନାଥ୍ ସାଂସ୍କୃତିକ୍ କେନ୍ଦ୍ର ରଖାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଚିଠି ପାଏବାର୍ ଉତ୍‌ରୁ ଇ ନିଷ୍ପତି ନିଆଯାଇଛେ । ନାଁ ପରିବର୍ତନ୍ ଲାଗି ଖୋବ୍ ଜଲ୍‌ଦି କେବିନେଟ୍‌ର ପ୍ରସ୍ତାବ୍ ପାରିତ୍ କରାଯିବା ବଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସ୍ୱଷ୍ଟ କରିଛନ୍ ।

ମୋଡ଼େଲ୍ ସୋଲାର୍ ଭିଲେଜ୍        ବୌଦ୍ଧ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର୍ ଯୋଜ୍‌ନାଥି ବୌଦ୍ଧ ଜିଲ୍ଲା ନ ସୌରଶକ୍ତିର୍ ବ୍ୟାପକ୍ ପ୍ରସାର୍ ଆଉ ଅକ୍ଷୟଶକ୍ତି ବେଭାର୍‌କେ ତହଁକାବାର୍ ଲକ୍ଷ୍ୟଥି ମୋଡ଼େଲ୍ ସୋଲାର୍ ଭିଲେଜ୍ ବାଛ୍‌ବାର୍ ପ୍ରକ୍ରିୟା ମୁଳ୍ ହେଇଛେ । ବୌଦ୍ଧ ବିଧାୟକ୍ ଆଉ ସର୍‌କାରୀ ଦଲର୍ ମୁଖ୍ୟ ସଚେତକ୍ ସରୋଜ୍ କୁମାର୍ ପ୍ରଧାନ୍, କଂଟାମାଲ୍ ବିଧାୟକ୍ ଆଉ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ କହ୍ନେଇ ଚରଣ୍ ଡାଙ୍ଗ୍‌ଙ୍କର୍ ଉପସ୍ଥିତିଥି ଜିଲ୍ଲାସ୍ତରୀୟ କମିଟି ବୈଠକ୍ ହେଇଥିଲା । ଜିଲ୍ଲାର୍ ଶ୍ରେଷ୍ଠ ୧୦ ଟା ଗାଁକେ ଚିହ୍ନଟ୍ କରାଯାଇଛେ । ଆଏବା ୬ ମାସ୍ ଭିତ୍‌ରେ ଗାଁ ମାନ୍‌କର୍ ଭିତ୍‌ରୁ ସବୁନୁ ଭଲ୍ ପ୍ରଦର୍ଶନ୍ କରୁଥିବା ଗାଁକେ ମୋଡ଼େଲ୍ ସୋଲାର୍ ଭିଲେଜ୍ ଭାବେ ବଚାଯାଇକରି ୧ କୋଟି ଟଙ୍କାର୍ ପୁରସ୍କାର୍ ଦିଆଯିବା ବଲି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୩ ଦିନ୍ ଭିତ୍‌ରେ ରାଜ୍ୟର୍ କିଛିଟା ଇଲାକାକେ ପୁହୁଁଚିବା ବଲି ଭୁବ୍‌ନେଶ୍ୱର୍ ଆଂଚଳିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଲଗାତାର୍ ଭାବେ ବଙ୍ଗୋପ୍ସାଗର୍ନୁ ବାଦଲ୍ ଓଡ଼ିଶା ଦେଇକରି ଅଲ୍ଗା ରାଜ୍ୟକେ ଯାଉଥିବାର୍ନୁ ରାଏଜେ ପ୍ରାକ୍ ମୌସୁମୀ ବର୍ଷା ମୁଲ୍ ହେଇଛେ ବଲି ପାଣିପାଗ୍ ବିଜ୍ଞାନୀମାନେ ମତ ଦେଇଛନ୍ । ପାଗ୍ ଅନୁକୂଳ ଥିବାର୍ନୁ ମୌସୁମୀ ବାୟୁ ଆଗ୍କେ ବଢ଼୍ବାର୍ଥି ଅଏତ୍କା ସାହାଜ୍ ହେଉଛେ । ପାଣିପାଗ୍ ବିଭାଗ୍ର ସୂଚ୍ନା ଅନ୍ସାରେ ରାଏଜେ ଆଏବା ୧୧ ତାରିଖ୍ନୁ ବର୍ଷାର୍ ପରିମାଣ୍ ବଢ଼୍ବା ଆଉ ୧୨ ତାରିଖ୍ ଦକ୍ଷିଣ୍ ଓଡ଼ିଶାର୍ କେତେଟା ଜିଲ୍ଲାନ ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ।